# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 January – 2026

*******************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଉପସ୍ଥାପିତ ହେଲା ଅର୍ଥନୈତିକ ସର୍ଭେ ରିପୋର୍ଟ

– ଚଳିତ ଆର୍ଥିକ ବର୍ଷରେ ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ୭ ଦଶମିକ ୪ ପ୍ରତିଶତକୁ ବୃଦ୍ଧି ନେଇ ଆକଳନ

- ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନକୁ ଗ୍ରହଣ କରିବା ସହ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ପଦକ୍ଷେପକୁ ତ୍ୱରାନ୍ୱିତ କରୁଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

- ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିୟମାବଳୀ-୨୦୨୬ର କାର୍ଯ୍ୟକାରିତ ଉପରେ ସ୍ଥଗିତାଦେଶ ଜାରି କଲେ ସୁପ୍ରିମକୋର୍ଟ

ଏବଂ

- ସରକାରୀ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ନେଇ ଭୁବନେଶ୍ୱରଠାରେ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ

Desk

# ଇକୋନୋମିକ ସର୍ଭେ

ଅର୍ଥନୈତିକ ସର୍ଭେ ରିପୋର୍ଟ ଲୋକସଭାରେ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଛନ୍ତି। ଦେଶର ବାସ୍ତବ ମୋଟ୍ ଘରୋଇ ଉତ୍ପାଦ-ଜିଡିପି ୨୦୨୬ ଆର୍ଥିକ ବର୍ଷରେ ୭ ଦଶମିକ ୪ ପ୍ରତିଶତକୁ ବୃଦ୍ଧି ନେଇ ଏହି ରିପୋର୍ଟରେ ଆକଳନ କରାଯାଇଛି। ୨୦୨୭ ଆର୍ଥିକ ବର୍ଷରେ ଏହା ୬ ଦଶମିକ ୮ରୁ ୭ ଦଶମିକ ୨ ପ୍ରତିଶତ ମଧ୍ୟରେ ରହିବ ବୋଲି କୁହାଯାଇଛି । ୨୦୨୬ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ଦୃଢ଼ ବିକାଶଶୀଳ ପଥରେ ଗତି କରୁଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଘରୋଇ ଚାହିଦା ବୃଦ୍ଧି ପାଇବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଛି।  ବିନିର୍ମାଣ କାର୍ଯ୍ୟକଳାପ ଦୃଢ଼ ହୋଇଥିବାବେଳେ କୃଷିକ୍ଷେତ୍ର ଦେଶର ଅର୍ଥନୀତିକୁ ସ୍ଥିରତା ପ୍ରଦାନ କରିଛି । ରିପୋର୍ଟ ଉପସ୍ଥାପନ ପରେ ଲୋକସଭାକୁ ଆସନ୍ତା ରବିବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ରାଜ୍ୟସଭାର ଅଧିବେଶନକୁ ମଧ୍ୟ ଆସନ୍ତା ରବିବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

Desk

# ପାର୍ଲ୍ୟାମେଣ୍ଟ-ପିଏମ୍

କେନ୍ଦ୍ର ସରକାର' ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନକୁ ଗ୍ରହଣ କରିବା ସହ ସଂସ୍କାରମୂଳକ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରୁଛନ୍ତି ବୋଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସଂସଦ ପରିସରରେ ବଜେଟ୍ ଅଧିବେଶନର ଆଜି ଦ୍ୱିତୀୟ ଦିନରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ସଂସ୍କାରମୂଳକ ଯୋଜନା ଗୁଡ଼ିକର ସୁଫଳ ତୃଣମୂଳସ୍ତରରେ ପହଁଞ୍ଚାଇବା ଉପରେ ସରକାର ପ୍ରାଧାନ୍ୟ ପ୍ରଦାନ କରୁଛନ୍ତି।

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଆସନ୍ତା ୨୫ ବର୍ଷ ମହତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତକାଲି ସଂସଦର ଉଭୟ ଗୃହକୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦେଶର ୧୪୦ କୋଟି ଲୋକଙ୍କ ଆଶା ଓ ଭରସାର ପ୍ରତିଫଳନ ଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O (1 PM on Prez)**

ଦେଶର ବିକାଶ ଲାଗି ସମସ୍ତଙ୍କୁ ଗଠନମୂଳକ କାର୍ଯ୍ୟରେ ସହଭାଗି ହେବାଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

Desk

# ସୁପ୍ରିମକୋର୍ଟ-ୟୁଜିସି

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ) ନିୟମାବଳୀ-୨୦୨୬ର କାର୍ଯ୍ୟକାରିତାକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ଏ ସଂକ୍ରାନ୍ତ ଏକାଧିକ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ

ବାଗ୍‌ଚିଙ୍କ ଖଣ୍ଡପୀଠ ଏହି ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରଦାନ କରିବା ସହ ବିଶିଷ୍ଟ ଆଇନଜ୍ଞଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା ନିୟମାବଳୀର ପୁନଃସମୀକ୍ଷା ପାଇଁ ପରାମର୍ଶ ଦେଇଛନ୍ତି। ମାମଲାରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାର ଏବଂ ୟୁ.ଜି.ସି.କୁ କୋର୍ଟ ନୋଟିସ୍ ଜାରି କରିଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ୨୦୧୨ ନିୟମାବଳୀ ଆଧାରରେ ନିଷ୍ପତ୍ତି ଗ୍ରହଣ କରିବାକୁ ଖଣ୍ଡପୀଠ କହିଛନ୍ତି।

Desk

# ବିଟିଂ ରିଟ୍ରିଟ୍-ପିଏମ୍, ରାଜନାଥ

୭୭ତମ ଗଣତନ୍ତ୍ର ଦିବସ ସମାରୋହର ଉଦ୍‌ଯାପନୀ ଅବସରରେ ଆଜି ନୂଆଦିଲ୍ଲୀରେ ଧ୍ୱଜାବତରଣ ସମାରୋହ ଅନୁଷ୍ଠିତ ହେବ । ବିଜୟଚୌକ୍‌ଠାରେ ହେବାକୁଥିବା ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ । ସେନାର ତିନିବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ପକ୍ଷରୁ ୩୦ଟି ମ୍ୟୁଜିକ୍ ବ୍ୟାଣ୍ଡ୍ ପ୍ରଦର୍ଶନ କରାଯିବ । 'କଦମ୍ କଦମ୍ ବଢ଼ାୟ ଯା'ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ "ସାରେ ଯାହାଁସେ ଆଚ୍ଛା" ରେ ଶେଷ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଧ୍ୱଜାବତରଣ ସମାରୋହ ସାଧାରଣତନ୍ତ୍ର ଦିବସ ପାଳନ ଶେଷ ହେବାର ପ୍ରତିକାତ୍ମକ ପ୍ରଦର୍ଶନୀ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ସମାରୋହରେ ଭାରତର ସମୃଦ୍ଧ ସାମରିକ ଐତିହ୍ୟର ଦୃଢ଼ତା ପ୍ରଦର୍ଶନ କରାଯିବ ।

Desk

## ବିଜେପି–କାର୍ଯ୍ୟକର୍ତ୍ତା ବୈଠକ

ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଭୁବନେଶ୍ୱରଠାରେ ଦଳର ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରଦେଶସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଜାରି ରହିଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ଜିଲ୍ଲା ପ୍ରଭାରୀ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା କରୁଛନ୍ତି। ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ସଭାପତିଙ୍କ ସହ ବିଚାରବିମର୍ଶ କରାଯାଇ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ମତବିନିମୟ କରୁଛନ୍ତି। ଏହା ସହ ଏସ୍.ଆଇ.ଆର୍., ଭି.ବି.–ଜି.ରାମ.ଜି. ଏବଂ କେନ୍ଦ୍ର ଓ ରାଜ୍ୟ ବଜେଟ୍‌କୁ ନେଇ ଜନସାଧାରଣଙ୍କ ପାଖକୁ ପହଁଞ୍ଚିବା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଉଛି।

Nuapada

## ଧାନମଣ୍ଡି ପରିଦର୍ଶନ

ମୁଖ୍ୟମନ୍ତ୍ରୀ ଅତିରିକ୍ତ ସଚିବ ଡକ୍ଟର ଚିତ୍ରସେନ ରାଉତ ନୂଆପଡ଼ା ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି। ଧାନବିକ୍ରି ପରିସ୍ଥିତି ତଥା ମଣ୍ଡି ପରିଚାଳନା ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି। ଧାନବିକ୍ରିର

ସଠିକ ମୂଲ୍ୟ ଚାଷୀଙ୍କ ପାଖରେ ପହଁଞ୍ଚୁଛି କି ନାହିଁ ସେ ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଛନ୍ତି।

ଜିଲ୍ଲାରେ ୭୭ଟି ମଣ୍ଡି ମାଧ୍ୟମରେ ଧାନସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଏ ପର୍ଯ୍ୟନ୍ତ ୪୬ ହଜାର ୩୬୭ ଜଣ ଚାଷୀଙ୍କ ଠାରୁ ୨୨ ଲକ୍ଷ ୭୨ ହଜାର ୬୩୨ କୁଇଣ୍ଟାଲ ଧାନ ସଂଗୃହୀତ ହୋଇଥିବା ଜଣାପଡ଼ିଛି।

BBSR/R

## ଦକ୍ଷତା ବିକାଶ କର୍ମଶାଳା

ସରକାରୀ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ନେଇ ଭୁବନେଶ୍ୱରଠାରେ ଏକ ଦିବସୀୟ ଦକ୍ଷତା ବିକାଶ କର୍ମଶାଳାର ଆୟୋଜନ କରାଯାଇଛି। ରାଜ୍ୟର ସମସ୍ତ ୨୩୦ଟି ସରକାରୀ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ' କର୍ମଶାଳାରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦ରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ଆଧାର କରି ଆଜିର କର୍ମଶାଳା ଧନ୍ଦାମୂଳକ ଶିକ୍ଷାର ଅଧ୍ୟକ୍ଷମାନଙ୍କୁ ସଶକ୍ତ କରିବା ସହ ପରସ୍ପର ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ। ସେହିପରି ଯୁଗ୍ମ ନିର୍ଦ୍ଦେଶକ ବିନୀତା ସେନାପତି ଯୋଗଦେଇ କହିଛନ୍ତି, ଧନ୍ଦାମୂଳକ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ କରିବ। ଛାତ୍ରଛାତ୍ରୀମାନେ ଯେଉଁ କ୍ଷେତ୍ର ପ୍ରତି ଆଗ୍ରହ' ସେହି କ୍ଷେତ୍ରରେ ସେମାନଙ୍କୁ ଅଧିକ ପ୍ରେରିତ କରିବା ପାଇଁ ଅଧ୍ୟକ୍ଷମାନଙ୍କୁ

ଉପଦେଶ ଦେଇଥିଲେ। କର୍ମଶାଳାରେ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ, ପରୀକ୍ଷା ପରିଚାଳନା, ଏକାଡେମିକ ବ୍ୟବସ୍ଥା, ସାମ୍ସ ପୋର୍ଟାଲ ପରିଚାଳନା, କ୍ୟାରିୟର ମାର୍ଗଦର୍ଶନ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି।

Nayagarh

## ରଥକାଠ

ପୁରୀ ଶ୍ରୀକ୍ଷେତ୍ର ଆଗାମୀ ରଥଯାତ୍ରା ପାଇଁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବନାଞ୍ଚଳରୁ ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ପଠାଯାଇଛି। ୨୫ ଖଣ୍ଡ ଅସନ ଓ ଧଉରା କାଠ ଏପରି ସମୁଦାୟ ୪୦୪ ଘନଫୁଟ କାଠ କଟକ ଖପୁରିଆସ୍ଥିତ ସ-ମିଲ୍‌କୁ ପଠାଯାଇଛି। ବନାଞ୍ଚଳ ଅଧୀନସ୍ଥ ଟାକରା ସେକସନ୍‌ର କେନ୍ଦ୍ରୀୟ ସଂରକ୍ଷଣ ଜଙ୍ଗଲରୁ ଏହି କାଠ ପଠାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରମ୍ପରା ଅନୁଯାୟୀ, ଆସନ୍ତା ରାମ ନବମୀ ତିଥିରେ ଏହି କାଠ ସ-ମିଲ୍‌ରେ ଚିରଟ କରାଯିବ। ପ୍ରଥମ ପର୍ଯ୍ୟାୟରେ ଗତ ୨୦ ତାରିଖ ଦିନ ୮୩ ଖଣ୍ଡକାଠ ପୁରୀ ରଥଖଳାକୁ ପଠାଯାଇଥିଲା। ତିନୋଟିଯାକ ରଥ ନିର୍ମାଣ ପାଇଁ ପ୍ରତି ବର୍ଷ ୮୬୫ ଖଣ୍ଡ ବିଭିନ୍ନ ମାପର ଧଉରା, ଅସନ, ଫାଶୀ ଏବଂ ଶିମିଳି କାଠର ଆବଶ୍ୟକତା ପଡ଼ିଥାଏ। ତେବେ ଗତବର୍ଷ ୪୭ ଖଣ୍ଡ କାଠ ଶ୍ରୀମନ୍ଦିର ପ୍ରଶାସନ ପାଖରେ ବଳକା ରହିଥିବାରୁ ଚଳିତ ବର୍ଷ ୮୧୮ ଖଣ୍ଡ କାଠ ଯୋଗାଇ ଦେବାକୁ ନୟାଗଡ଼ ବନଖଣ୍ଡକୁ ଚିଠି ମାଧ୍ୟମରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

Nayagarh

## ହୃଦ୍‌ଘାତରେ ଯବାନଙ୍କ ମୃତ୍ୟୁ

କାଶ୍ମୀରର ମାହାରରେ କାର୍ଯ୍ୟରତ ଥିବା ଜଣେ ଓଡ଼ିଆ ଯବାନଙ୍କର ହୃଦ୍‌ଘାତ ଯୋଗୁଁ ମୃତ୍ୟୁ ହୋଇଛି। ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଆନନ୍ଦପଲ୍ଲୀ ଗାଁର ଏହି ଯୁବକ ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ। ସାଧାରଣତନ୍ତ୍ର ଦିବସରେ କର୍ତ୍ତବ୍ୟ ସମ୍ପାଦନ କରି ସାରିବା ପରେ ବିଶ୍ରାମ ନେଉଥିଲେ। ତେବେ ପୁର୍ନବାର ଡ୍ୟୁଟିକୁ ବାହାରିବା ବେଳେ ହୃଦ୍‌ଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ବୋଲି ଘୋଷଣା କରିଥିଲେ। ତାଙ୍କ ମରଶରୀର ଆଜି ଗାଁରେ ପହଁଞ୍ଚିବା ପରେ ଇଟାମାଟି ଥାନା ଏବଂ ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

Nuapada

## ପରିମଳ ମିଶନ

ନୂଆପଡ଼ା ଜିଲ୍ଲା ୧୪ତମ ଜଳ ଓ ପରିମଳ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଦୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା କକ୍ଷ ପରିସରରେ ଆୟୋଜିତ ଏହି ବୈଠକରେ ସ୍ୱଚ୍ଛ ଭାରତ ମିଶନ ଅଧୀନସ୍ଥ କାର୍ଯ୍ୟକ୍ରମଗୁଡ଼ିକର ସ୍ଥିତି ନେଇ ସମୀକ୍ଷା କରାଯାଇଛି। ଜିଲ୍ଲାର ୫ଟି ବ୍ଲକ ମଧ୍ୟରୁ ବୋଡେନ, କୋମନା ଏବଂ ସୀନାପାଲି ବ୍ଲକରେ ଗତକାଲି ସୁଦ୍ଧା ଜଳଯୋଗାଣ ଓ ପରିମଳ ବ୍ୟବସ୍ଥାର ଶତ ପ୍ରତିଶତ ଲକ୍ଷ୍ୟ

ହାସଲ ହୋଇଥିବା ବୈଠକରୁ ଜଣାପଡ଼ିଛି। 'ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା' ଅଭିଯାନ ଅଧୀନରେ ଗତ ଜୁନ୍ ମାସ ୫ ତାରିଖରୁ ଏ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକରୁ ସଂଗୃହୀତ ହୋଇଥିବା ଆବର୍ଜନାଗୁଡ଼ିକ ଉପରେ ବୈଠକରେ ଆଲୋଚନା ହୋଇଛି।

Dhenkanal

## ପ୍ରଶିକ୍ଷଣ ଶିବିର

ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନଠାରେ ଓଡ଼ିଶା ଇନଫରମେସନ୍ ସର୍ଭିସ୍‌ରେ ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଆଇ.ଆଇ.ଏମ୍.ସି.ର କୁଳପତି ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ ଗୌର ଆଭାସୀ ଜରିଆରେ ନୂତନ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଲୋକସମ୍ପର୍କ ଅଧିକାରୀମାନେ ଜନତ ଓ ସରକାରଙ୍କ ମଧ୍ୟରେ ସେତୁଭାବେ କାର୍ଯ୍ୟ କରିଥାନ୍ତି। ଗଣମାଧ୍ୟମ, ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ଡିଜିଟାଲ ଓ କୃତ୍ରିମ ବୁଦ୍ଧିମତା ଯୁଗରେ ମିଥ୍ୟା ଖବରର ଯାଞ୍ଚ କରିବା ପାଇଁ ଅଧିକାରୀମାନଙ୍କୁ ଶ୍ରୀମତୀ ଗୌର ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଶିବିର ଆସନ୍ତା ମାସ ୬ ତାରିଖ ପର୍ଯ୍ୟନ୍ତ ଚାଲିବ।

BHK

## ପିଏମ୍‌ଶ୍ରୀ ଉତ୍ସବ

ଭଦ୍ରକ ଜିଲ୍ଲା ବିନ୍ଦୁମାଧବ ବାଗୁରାଇ ସରକାରୀ ହାଇସ୍କୁଲଠାରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟର ବାର୍ଷିକ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜାତୀୟ ଶିକ୍ଷାନୀତିରେ କ୍ରୀଡ଼ାର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରାଯାଇଛି। ଗୁଣାତ୍ମକ ଶିକ୍ଷାର ବିକାଶ, ବିଦ୍ୟାଳୟର ଉତ୍ତମ ଚରିତ୍ର ଓ ଶୃଙ୍ଖଳା ରକ୍ଷା କରି ସମାଜରେ ଏକ ଭଲ ମଣିଷ ଭାବରେ ସୁନାମ ଅର୍ଜନ ପାଇଁ ଶ୍ରୀ ସୁରଜ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାର ୧୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଛନ୍ତି।

Ganjam

## ଡଲଫିନ୍ ଗଣନା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନଖଣ୍ଡ ଅନ୍ତର୍ଗତ ସମୁଦ୍ର କୂଳରେ ଚଳିତ ବର୍ଷ ୧୩ଟି ଡଲଫିନ୍ ରହିଥିବା ଜଣାପଡ଼ିଛି। ଗତ ତିନିଦିନ ଧରି ବନବିଭାଗ ପକ୍ଷରୁ ଜିଲ୍ଲାର ସମୁଦ୍ର ବେଳାଭୂମି ପ୍ରୟାଗୀଠାରୁ ଅନନ୍ତରାୟପୁର ପର୍ଯ୍ୟନ୍ତ ୫୬ କିଲୋମିଟର ବ୍ୟାପୀ ବେଳାଭୂମିରେ ଗଣନା କାର୍ଯ୍ୟ ୬ଟିଦଳ ଦ୍ୱାରା ସମ୍ପନ୍ନ କରାଯାଇଛି।